**ପତ୍ରସଂଖ୍ୟା --17601---- ତାରିଖ--13.12.2017------**

## ସର୍ବସାଧାରଣ ସୂଚନା

ରାଉରକେଲା ମହାନଗର ନିଗମ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପବିଧି-୨୦୧୭ ବିଜ୍ଞପ୍ତି ସଂଖ୍ୟା 11184/RMC/11.08.2017 ଓଡ଼ିଆ ରାଜପତ୍ର ଅସାଧାରଣ ସଂଖ୍ୟା ୧୩୯୧ ତା ୩୧.୦୮.୨୦୧୭ ରିଖରେ ପ୍ରକାଶିତ ହୋଇ କାର୍ଯ୍ୟକାରୀ ହୋଇଅଛି। ଉକ୍ତ ଉପବିଧି ରାଉରକେଲା ମହାନଗର ନିଗମ ୱେବ୍ ସାଇଟ୍ www.rmc.nic.in ରେ ଉପଲବଧ୍ ଅଟେ। ଉକ୍ତ ଉପବିଧିର ଅନୁସୂଚୀ ରେ ଉଲ୍ଲେଖିତ ବିଭିନ୍ନ କାର୍ଯ୍ୟସୂଚୀ ସଂଖ୍ୟା ୯ ର ପ୍ରାବଧାନ ଅନୁଯାୟୀ ରାଉରକେଲା ମହାନଗର ନିଗମ ଅଂଚଳ/ପରିସୀମା ମଧରେ ଯେ କୌଣସି ସର୍ବସାଧାରଣ ସ୍ଥାନରେ ଯଥା ବସ୍ତି, ୱାର୍ଡ଼ ସାହି, ମାର୍କେଟ, ହାଟ, ରାସ୍ତା ଆଦିରେ ଅଳିଆ ଆବର୍ଜନା ନିକ୍ଷେପ, ଖୋଲା ମଳତ୍ୟାଗ (ଶୌଚ), ପରିସ୍ରା ଆଦି କରୁଥିବା ବ୍ୟକ୍ତି ବିଶେଷଙ୍କ ଠାରୁ ନିମ୍ନଲିଖିତ ହାରରେ spot fine (ଜୋରିମାନା) ଆଦାୟ କରାଯିବ। ଏ ସଂକ୍ରାନ୍ତରେ ରାଉରକେଲା ମହାନଗର ନିଗମ ତା ୨୭.୧୧.୨୦୧୭ ରିଖ ବୈଠକରେ ପ୍ରସ୍ତାବ ମଂଜୁରୀ କରିଛନ୍ତି।

୧. ଅଳିଆ ଆବର୍ଜନା ବର୍ଜ୍ୟବସ୍ତୁ ନିକ୍ଷେପ-ଉପବିଧି ୨୦୧୭ ର ଅନୁସୂଚୀ ରେ ବର୍ଣ୍ଣିତ ହାରରେ।

୨. ଖୋଲା ମଳତ୍ୟାଗ- ଟ.୫୦.୦୦

୩. ଖୋଲାରେ ପରିସ୍ରା- ଟ.୫୦.୦୦

୪. ଖୋଲାରେ ଛେପ ପକାଇବା- ଟ.୫୦.୦୦

ଉପରୋକ୍ତ ଆଇନଗତ ପ୍ରାବଧାନର ନିର୍ଦ୍ଦେଶର ଖିଲାପକାରୀଙ୍କ ଠାରୁ ଆସନ୍ତା ତା ୧୫.୧୨.୨୦୧୭ ରିଖ ଠାରୁ ମହାନଗର ନିଗମ ର ପ୍ରାଧିକୃତ କର୍ମଚାରୀଙ୍କ ଦ୍ୱାରା spot fine (ଜୋରିମାନା) ଆଦାୟ କରାଯିବ।

(signature) 13/12/17

ମୁନିସିପାଲ୍ କମିଶନର
ରାଉରକେଲା ମହାନଗର ନିଗମ

**ଜ୍ଞାପକ ସଂଖ୍ୟା---17602---ତା---13.12.2017---**

ଏହାର ଏକକିତା ନକଲ ବିଜ୍ଞାପନ ମ୍ୟାନେଜର, ସମାଜ/ନବଭାରତ (ହିନ୍ଦୀ) ଖବରକାଗଜ ଦୈନିକ ପତ୍ରରେ ସ୍ୱଳ୍ପ ମୂଲ୍ୟରେ ଏକଦିନ ପ୍ରକାଶନ ପାଇଁ ଅନୁରୋଧ କରାଗଲା।

ଏହାର ଏକକିତା ନକଲ MIS Programmer , www.rmc.nic.in **ରେ ପ୍ରକାଶନ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଗଲା।**

(signature) 13/12/17

ମୁନିସିପାଲ୍ କମିଶନର
ରାଉରକେଲା ମହାନଗର ନିଗମ

ଜ୍ୟୋତି/-